ଅଁଳାଯୋଡ଼ି-କୋଣ ରାସ୍ତା ଅଧପନ୍ତରିଆ : ଯାତ୍ରୀ ହନ୍ତସନ୍ତ



୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ବ୍ଲକ ସାନପାଖନା ଗ୍ରାମପଞ୍ଚାୟତର ବଡ଼ପାଖନା ଠାରୁ ବହଳଦା ବ୍ଲକ୍ ଅଁଳାଯୋଡ଼ି ଗ୍ରାମପଞ୍ଚାୟତର ଅଁଳାଯୋଡି, କୋଣ ଭାୟା ଅସନା ରାସ୍ତା ଅଧପନ୍ତରିଆ ନେଇ ଯାତ୍ରୀ ହନ୍ତସନ୍ତ । ଉକ୍ତ ରାସ୍ତା କାର୍ଯ୍ୟଟି ରାଇରଙ୍ଗପୁର (ରାସ୍ତା ଓ କୋଠାବାଡ଼ି) ବିଭାଜନ ସଂସ୍ଥା ପକ୍ଷରୁ କରାଯାଉଥିବା ବେଳେ ନିର୍ମାଣକାରୀ ସଂସ୍ଥା ସଞ୍ଜୀବ କୁମାର ନାୟକଙ୍କ ଦ୍ୱାରା କରାଯାଉଛି ।

ସୂଚନାଯୋଗ୍ୟ ଉକ୍ତ ରାସ୍ତା କାର୍ଯ୍ୟଟି ୨୦୨୨ ଡିସେମ୍ବରରେ ଆରମ୍ଭ ହୋଇ ଡିସେମ୍ବର ୨୦୨୩ରେ ସମ୍ପୂର୍ଣ୍ଣ ହେବା ନେଇ ସୂଚନା ଫଳକ ଲଗାଯାଇଥିଲା । ତାହାର ଅଟକଳ ମୂଲ୍ୟ ୯ କୋଟି ୨୭ଲକ୍ଷ ୩୯ ହଜାର ଟଙ୍କା ଧାର୍ଯ୍ୟ ହୋଇଛି । କିନ୍ତୁ ତାହା ଅସମ୍ପୂର୍ଣ୍ଣ ହୋଇରହିଛି । ପୂର୍ବରୁ ଥିବା ପୁରୁଣା ରାସ୍ତାକୁ ୨ ଫୁଟରୁ ଊର୍ଦ୍ଧ୍ୱ ଗର୍ତ୍ତ କରି ତାଡ଼ିବା ପରେ କାର୍ଯ୍ୟ ଅଧାପନ୍ତରିଆ କରି ଛାଡି ଦେଇଥିଲେ । ପରେ ସେଥିରେ ମେଟାଲ ଓ ଡଷ୍ଟଗୁଣ୍ଡ ପକାଯାଇଛି ଏଣୁ ଉକ୍ତ ରାସ୍ତାଦେଇ ଗମନାଗମନ କରୁଥିବା ୬୦ରୁ ଅଧିକ ଗ୍ରାମର ଗ୍ରାମବାସୀ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ତେବେ ଟିକିଏ ବର୍ଷା ଉକ୍ତ ସ୍ଥାନରେ ପାଣି ଜମିରହୁଛି । ତାହା ରାସ୍ତା କି ଗର୍ତ ଜଣାପଡୁନି, ଯାହା ଫଳରେ ଯାତ୍ରୀମାନେ ଜାଣିନପାରି ବାଇକ୍, ସାଇକେଲ ଆଦିରୁ ପଡ଼ିହୋଇ ଖଣ୍ଡିଆ ଖାବରା ହୋଇ ଆହତ ହେଉଛନ୍ତି । ରାସ୍ତା ଓସାରିଆ ଭାବେ ନିର୍ମାଣ ହେବ ବୋଲି କହି ରାସ୍ତାର ଖୋଳାଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ରହିଛି । ଯାହାଫଳରେ ପ୍ରତ୍ୟେକ ଦିନ ଯାତ୍ରୀମାନେ ଖସି ପଡି ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି । ତେବେ ଯଥାଶିଘ୍ର ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

ଆଜିର ରାଶିଫଳ

ତାରିଖ ୯.୪.୨୦୨୪ | ମଙ୍ଗଳବାର– ପ୍ରତିପଦା
ନକ୍ଷତ୍ର– ରେବତୀ, ମୀନଚନ୍ଦ୍ର

ମେଷ	:	ଶାରୀରିକ ଅସୁସ୍ଥତାରେ ଦିନଟି କଟିବ ।
ବୃଷ	:	ବ୍ୟବସାୟରେ ଆୟ ବୃଦ୍ଧି ହେବ ।
ମିଥୁନ	:	ଧନପ୍ରାପ୍ତି ଯୋଗ ରହିଛି ।
କର୍କଟ	:	ପିତାଙ୍କ ପାଇଁ ଦୁଃଖ ପାଇବେ ।
ସିଂହ	:	ଅଗ୍ନିଜନିତ ଭୟ ରହିଛି ।
କନ୍ୟା	:	ବକେୟା ପଡ଼ିଥିବା ଅର୍ଥ ଲାଭ ହେବ।
ତୁଳା	:	ସନ୍ତାନ ବ୍ୟଥା ।
ବିଛା	:	ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ ।
ଧନୁ	:	ଠକାମୀରେ ପଡ଼ିବେ ।
ମକର	:	ଲାଗିରହିଥିବା ଅଶାନ୍ତି ଦୂର ହେବ।
କୁମ୍ଭ	:	ନୂତନ ଆୟ ବୃଦ୍ଧି ହେବ ।
ମୀନ	:	ଉଚ୍ଚ ଅଧିକାରୀ ପ୍ରଶଂସିତ ହେବେ।

ବ୍ରିଜ୍ ତଳକୁ ଖସିଲା ସ୍କୁଟି : ୩ ମୃତ

କନ୍ଧମାଳ, ୮।୪
ଏକ୍ସପ୍ରେସ୍ ନ୍ୟୁଜ୍

କନ୍ଧମାଳ ଜିଲା ରାଇକିଆ ଥାନା ବୁଡ଼ାମାହା ବ୍ରିଜ୍‌ରେ ସ୍କୁଟି ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ ଘଟିଛି । ରବିବାର ବିଳମ୍ବିତ ରାତିରେ ପାବୁରିଆରୁ ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ହିଁ ତିନି ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକମାନେ ହେଲେ ରାଇକିଆରେ ବ୍ୟବସାୟ କରୁଥିବା ଗଞ୍ଜାମ ବିରିକୋଟ ଗ୍ରାମର ବସନ୍ତ ପଣ୍ଡା (୩୦),ବେରେଡ଼ାକିଆ ଗ୍ରାମର କୁଶଳ ଦିଗାଲ (୨୫), କାଜୁରୀନାଜୁ ଗ୍ରାମର ବ୍ରହ୍ମାନନ୍ଦ ଭୋଇ (୨୫) ।

ଖବର ଅନୁଯାୟୀ, ପାବୁରିଆରୁ ରାଇକିଆ ଅଭିମୁଖେ ତିନି ଜଣ ଯୁବକ ଏକ ସ୍କୁଟି ଯୋଗେ ଯାଉଥିଲେ । ସ୍କୁଟିଟି ଦ୍ରୁତଗତି ଆସୁଥିଲା । ଏହି ସମୟରେ ବୁଦାମାହା ପାଖ ଏକ ବ୍ରିଜ୍ ନିକଟରେ ସ୍କୁଟିଟି ଭାରସାମ୍ୟ ହରାଇ ରାସ୍ତ ତଳକୁ ଖସିପଡିଥିଲା । ଯାହାଫଳରେ ସ୍କୁଟିରେ ଥିବା ତିନି ଜଣ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ସେପଟେ ଦୁର୍ଘଟଣା ସଂପର୍କରେ ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ ଜମିଥିଲା । ଆଉ ଏହାପରେ ତୁରନ୍ତ ପୋଲିସକୁ ମଧ ଖବର ଦିଆଯାଇଥିଲା । ରାଇକିଆ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

ଦ୍ୱାରଶୁଣି ଘାଟିରେ ଯାତ୍ରୀବାହୀ ଦୁର୍ଘଟଣା ଡ୍ରାଇଭର ସହ ୩୦ ଆହତ

ବାଙ୍ଗିରିପୋଷି, ୮।୪
ଏକ୍ସପ୍ରେସ୍ ନ୍ୟୁଜ୍

ବାଙ୍ଗିରିପୋଷି ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ଦୁର୍ଘଟଣା । ଯାତ୍ରୀବାହୀ ବସ୍ ଏକ ବଡ ପଥରରେ ପିଟି ହେବା ଫଳରେ ଚାଳକ ଗୁରୁତର ଆହତ ହେବା ସଙ୍ଗେ ସଙ୍ଗେ ୩୦ରୁ ଉର୍ଦ୍ଧ ଶ୍ରମିକ ଆହତ ହୋଇଛନ୍ତି ।

ସୂଚନା ମୁତାବକ ଶ୍ରୀ ବିଷ୍ଣୁ ନାମକ ଏକ ବସ ଶ୍ରମିକମାନଙ୍କୁ ନେଇ ଦେବଗଡ଼ ଜିଲ୍ଲାରୁ ମୁର୍ଶିଦାବାଦକୁ ଯାଉଥିଲା । ହଠାତ ବସଟି ଦ୍ୱାରଶୁଣି ଘାଟି ରାସ୍ତାରେ ପଥରରେ ବାଡେଇ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ଚାଳକ ଜଣକ ଚାପି ହୋଇ ଯାଇଥିବା ବେଳେ ବସରେ ଥିବା ପ୍ରାୟ ୮୦ ଜଣ ଶ୍ରମିକଙ୍କ ମଧ୍ୟରୁ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ । ବାଙ୍ଗିରିପୋଷି ପୁଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ଆହତ ମାନଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ସେପଟେ ଗୁରୁତର ଥିବା ଶ୍ରମିକମାନଙ୍କୁ ବାରିପଦା ପିଆରଏମ ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି ।

ଗୋରୁ ଚାଲାଣକୁ ନେଇ ଉତ୍ତେଜନା : ୪୨ଗୋରୁ ଉଦ୍ଧାର

ଭଦ୍ରକ, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ଧାମରା ନିକଟସ୍ଥ କଇଥଖୋଲାଠାରେ ଗୋରୁ ଚାଲାଣକୁ ନେଇ ଉତ୍ତେଜନା ଦେଖାଯାଇଛି । କେଉଁ ପରିସ୍ଥିତିରେ ଏହି ଅଞ୍ଚଳରୁ ବ୍ୟାପକ ଭାବେ ଗୋରୁ ଚାଲାଣ କରାଯାଉଛି ଏବଂ ଏହାର କିଛି ଖବର ପ୍ରଶାସନ ପାଖରେ ନାହିଁ ତାହାର ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ପ୍ରାପ୍ତ ଖବରରୁ ଜଣାଯାଇଛି, କଇଥଖୋଲା ପଞ୍ଚାୟତ କିଶୋର ପ୍ରସାଦଠାରେ ୪୨ଟି ଗୋରୁ ବନ୍ଧା ହୋଇଥିବା ବେଳେ ସ୍ଥାନୀୟ ଅଧିବାସୀ ଏହାକୁ ବିରୋଧ କରିଥିଲେ । କିଭଳି ଜଣେ ଗୋରୁ ଦଲାଲ ୪୨ଟି ଗୋରୁଙ୍କୁ ଆଣି କିଶୋର ପ୍ରସାଦରେ ସତ୍ୟ ଗୋପାଳ ମାଇତି ଏବଂ ପ୍ରମିଳା ମାନ୍ନାଙ୍କ ବାଡିରେ ବନ୍ଧା ହୋଇ ରହିଥିଲେ । ଏତେ ସଂଖ୍ୟକ ଗୋରୁ ବନ୍ଧା ହୋଇଥିବାରୁ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ଜାତ ହେବାରୁ ସେମାନେ ସେଠାକୁ ଯାଇ କାହିଁକି ଏହି ଗୋରୁ ବନ୍ଧା ହୋଇଛନ୍ତି ବୋଲି ପଚାରିବାରୁ ପଶ୍ଚିମବଙ୍ଗର ଜଣେ ଗୋରୁ ଦଲାଲ ଏହି ସମସ୍ତ ଗୋରୁକୁ ଏଠାରେ ବାନ୍ଧି ରଖିଛି ବୋଲି କହିଥିଲେ । ଏଥି ସହ ଏଠାରୁ ବହୁ ସମୟରେ ବୋଟ ଯୋଗେ କଲକାତାକୁ ଗୋରୁ ଚାଲାଣ କରାଯାଉଥିବା କଥା ଜଣାପଡ଼ିଥିଲା । ପରେ ସ୍ଥାନୀୟ ଅଧିବାସୀ ଯାଇ କିଛି ଦୂରରେ ଥିବା ଏକ ବୋଟ ଥିବାର ଦେଖି ସଂପୃକ୍ତ ବୋଟ ଚାଳକୁ ଏହି ଗୋରୁ ଚାଲାଣ ବିଷୟରେ ପଚାରିବାରୁ ସେ କଇଥଖୋଲା ଅଞ୍ଚଳରୁ ଗୋରୁମାନଙ୍କୁ ନେଇ କଲକାତା ଚାଲାଣ କରୁଥିବା କଥା କହୁଥିବା ବେଳେ ସଂପୃକ୍ତ ଦଲାଲ କେଉଁଆଡେ ପଳାଇଯାଇଥିଲା । ପରେ ଅଞ୍ଚଳବାସୀ ଅଟକ ରହିଥିବା ୪୨ଟି ଗୋରୁମାନଙ୍କୁ ବିଲକୁ ଖୋଲି ଦେଇଥିଲେ । ପରେ ସଂପୃକ୍ତ ବୋଟଟି ମଧ ସେହି ସ୍ଥାନରୁ ଉଭାନ ହୋଇ ଯାଇଥିବା ବେଳେ ଏହି ଗୋରୁ ଦଲାଲକୁ ଆଶ୍ରୟ ଦେଉଥିବା ସଂପୃକ୍ତ ସତ୍ୟ ଗୋପାଳ ମାଇତି ଏବଂ ପ୍ରମିଳା ମାନ୍ନାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

ଧରାପଡ଼ିଲା ଫେରାଏ କଏଦୀ

ଭବାନୀପାଟଣା, ୮।୪
ଏକ୍ସପ୍ରେସ୍ ନ୍ୟୁଜ୍

ଭବାନୀପାଟଣା ଜିଲ୍ଲା କାରାଗାରରୁ ୨ କଏଦୀ ଫେରାର ଘଟଣାରେ ଜଣକୁ ଗିରଫ କରାଯାଇଛି । କଏଦୀ ସିକନ୍ଦର ଜାଲକୁ ଧର୍ମଗଡରୁ କାବୁ କରିବାରେ ସଫଳ ହୋଇଛନ୍ତି ଜେଲ କର୍ତ୍ତୃପକ୍ଷ । ଗିରଫ ପରେ ସିକନ୍ଦରକୁ ଭବାନୀପାଟଣା ଟାଉନ ଥାନାକୁ ପଠାଇ ଦିଆଯାଇଛି । ଏବେବି ଫେରାର ଥିବା ନୀଳମଣି ବିଭାରକୁ ବିଭିନ୍ନ ସ୍ଥାନରେ ଖୋଜୁଛି ପୋଲିସ ।

ସେପଟେ ୨କଏଦୀ ଫେରାର ସମୟର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି । କେମିତି ଉଭୟ ଅଲଗା ଅଲଗା ସମୟରେ ୨୦ ଫୁଟ ପାଚେରି ଡେଇଁ ଖସିଯାଉଛନ୍ତି ଭିଜୁଆଲରୁ ସ୍ପଷ୍ଟ ଜଣାପଡୁଛି । ଜେଲରେ ଟାଇଟ ସିକ୍ୟୁରିଟି ସତ୍ତ୍ୱେ ୨ ଜଣ କଏଦୀ କେମିତି ଖସିଗଲେ ? ଘଟଣାରେ ଆଉ କିଏ କିଏ ସଂପୃକ୍ତ ଅଛନ୍ତି ? ଏମିତି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛନ୍ତି କୋରାପୁଟ ସର୍କଲର ସିନିୟର ସୁପରିଟେଣ୍ଡେଣ୍ଟ ମନୋଜ ପ୍ରତିହାରୀ । ଏଥିସହ ଆଇଆଇସି ଓ ଏସଡିପିଓ ମଧ ଜେଲକୁ ଯାଇ ସିସିଟିଭିର ଅନୁଧ୍ୟାନ କରିଛନ୍ତି । ରବିବାର ସକାଳୁ ବଗିଚା କାମ କରୁଥିବା ସମୟରେ ସମସ୍ତଙ୍କୁ ଚକମା ଦେଇ ୨ ଜଣ ଫେରାର ହୋଇଯାଇଥିଲେ ।

ନଦୀରେ ବୁଡି ଯୁବକ ନିଖୋଜ ଘଟଣା
୧୮ ଘଣ୍ଟା ପରେ ନଦୀରୁ ମିଳିଲା ମୃତଦେହ

ବାଲିପାଟଣା, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ବାଲିପାଟଣା ଥାନା ବାଇଁଆପଦା ଗାଁ ନିକଟ ଭାର୍ଗବୀ ନଦୀରେ ବୁଡି ଯୁବକ ନିଖୋଜ ଘଟଣାର ୧୮ ଘଣ୍ଟା ପରେ ନଦୀରୁ ମିଳିଲା ମୃତଦେହ । ମୃତକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ମହାଦେଇପାଟଣା ଗାଁର ତାପସ କୁମାର ଦାସ ।ବାଲିପାଟଣା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ।

ଖବର ଅନୁଯାୟୀ, ରବିବାର ଦିନ ତାପସ ଏବଂ ତାଙ୍କ ସାଙ୍ଗମାନେ ବାଇଁଆପଦା ଗାଁ ନିକଟ ଭାର୍ଗବୀ ନଦୀ ପଠାରେ ବଣଭୋଜି କରୁଥିଲେ । ଭୋଜି ପରେ ତିନି ଜଣ ଏକାଠି ହୋଇ ନଦୀକୁ ଗାଧୋଇବାକୁ ଯାଇଥିଲେ । ହେଲେ ତାପସ ନଦୀରେ ଥିବା ଗଣ୍ଡରେ ବୁଡି ଯାଇଥିଲେ । ଅନ୍ୟ ସାଙ୍ଗମାନେ ତାପସଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ପରେ ବାଲିପାଟଣା ପୋଲିସ ବାଲିଅନ୍ତା ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଶେଷରେ ୧୮ ଘଣ୍ଟା ପରେ ତାପସଙ୍କ ମୃତଦେହ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ ।

ସୁକୁମା ପୋଲିସ ଦ୍ୱାରା ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ : ୬ ମାଓବାଦୀ ଗିରଫ

ମାଲକାନଗିରି, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକମା ପୋଲିସକୁ ମିଳିଲା ବଡ ସଫଳତା । ସିଆରପି ଏଫ ଏବଂ କୋବ୍ରା ଜବାନଙ୍କ କୁମିଂ ଅପରେସନ କରୁଥିବା ବେଳେ ୬ ଜଣ ହାଡକୋର ମାଓବାଦୀ ଧାରା ଅଡିଛନ୍ତି । ଗିରଫ ହୋଇଥିବା ମାଓବାଦୀଙ୍କ ଠାରୁ ଜବତ ହେଲା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ । ଜବତ ସାମଗ୍ରୀ ମଧରେ ରହିଛି ୧୯ଟି ବିଜିଏଲ୍ ବୋମା, ଦୁଇଟି ଅଫୁଟା ଲେଣ୍ଡମାଇନ ଓ ୮ଟି ଜିଲୋଟିନ ଷ୍ଟିକ୍ ରହିଥିବା ଘଟଣା ସଂପର୍କରେ ସୁକମା ଏସପି ସୂଚନା ଦେଇଛନ୍ତି ।

ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ : ୨୦ ଆହତ

ଭଞ୍ଜନଗର, ୮।୪
ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ଜିଲା ଭଞ୍ଜନଗର ବେଲଗୁଣ୍ଠା ମୁଖ୍ୟ ରାସ୍ତାର ନୂଆଗାଁ ସେତୁ ନିକଟରେ ସୋମବାର ପୂର୍ବାହ୍ନରେ ଏକ ମିନିବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ୨୦ ଯାତ୍ରୀ ଆହତ ହେଇଛନ୍ତି । ଆହତମାନେ ଭଞ୍ଜନଗର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେଥିମଧ୍ୟରୁ ୩ ଜଣକ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଗୁରୁତରମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି । ଖବର ପାଇ ବେଲଗୁଣ୍ଠା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ମହୁରଫୁଲ ସଂଗ୍ରହକାରୀ ଶୋଷଣର ଶିକାର : ବ୍ୟବସାୟୀ ମାଲାମାଲ

ସୁନ୍ଦରଗଡ଼, ୮।୪
ଏକ୍ସପ୍ରେସ୍ ନ୍ୟୁଜ୍

ବଣାଇ ଉପଖଣ୍ଡ ଏକ ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ଉପାନ୍ତ ଅଞ୍ଚଳ ହୋଇଥିବାବେଳେ ଜୀବନଜୀବିକା ପାଇଁ ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ । ବିଶେଷ ଭାବେ ବଣାଇ, ଲହୁଣିପଡ଼ା ଓ ଗୁରୁଣ୍ଡିଆ ବ୍ଲକ୍‌ର ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀ ମହୁଲଫୁଲ, ଫଳ ଏବଂ ମଞ୍ଜି ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥାନ୍ତି । ହେଲେ ପ୍ରତିବର୍ଷ ସେମାନଙ୍କର ସେହି ଆଶା ନିରାଶାରେ ପରିଣତ ହୋଇଥାଏ । ସରକାର ମହୁଲଫୁଲ ସହ ସମୁଦାୟ ୧୬୯ ପ୍ରକାର ବନଜାତ ଦ୍ରବ୍ୟକୁ ପଞ୍ଚାୟତ ହାତରେ ନ୍ୟସ୍ତକରି ତା'ର ଦର ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ପଞ୍ଚାୟତମାନଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସଂଗ୍ରହକାରୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି । ପରିଶ୍ରମ ଅନୁସାରେ ସେମାନେ ମହୁଲଫୁଲର ଉଚିତ ମୂଲ୍ୟ ପାଉନାହାନ୍ତି । ସରକାରୀ ନିୟମ ହିସାବରେ ପଞ୍ଚାୟତସମିତି ବୈଠକରେ ଆଲୋଚନା ହେଲାପରେ ପ୍ରତି ପଞ୍ଚାୟତରେ ବୈଠକ ମାଧ୍ୟମରେ ମହୁଲଫୁଲର ଦର ନିର୍ଦ୍ଧାରଣ କରି ଉପଜିଲ୍ଲାପାଳଙ୍କୁ ଦେବା କଥା । ଆଉ ସେହି ଦର ହିସାବରେ ବ୍ୟବସାୟୀମାନେ ସଂଗ୍ରହକାରୀଙ୍କ ଠାରୁ ଉଚିତ ମୂଲ୍ୟ ଦେଇ ଫୁଲ କିଣିବା କଥାଛ ହେଲେ ଏଠାରେ ଓଲଟା ନୀତି ଯୋଗୁ ବ୍ୟବସାୟୀମାନେ ଗାଁଗାଁରେ ପହଞ୍ଚି ସଂଗ୍ରହକାରୀଙ୍କ ଠାରୁ ୨୦ରୁ ୨୫ ଟଙ୍କା ଦରରେ ମହୁଲଫୁଲ କିଣୁଛନ୍ତି । ସଂଗ୍ରହକାରୀମାନେ ଦୀର୍ଘ ୩ରୁ ୪ ମାସ ହାଡ଼ଭଙ୍ଗା ପରିଶ୍ରମ କରି ସପରିବାର ଫୁଲ ସଂଗ୍ରହ କରୁଥିଲେ ମଧ ସବୁ ପରିଶ୍ରମର ଫଳ ବେପାରୀ ମାଡ଼ିବସି ଲାଭବାନ ହେଉଛନ୍ତି ।

ଅପରପକ୍ଷରେ ଅବକାରୀ ବିଭାଗ ଜରିଆରେ ଲାଇସେନ୍ସ ପାଇଥିବା ବ୍ୟବସାୟୀ ହିଁ ମହୁଲଫୁଲ କିଣିପାରିବେଛ ହେଲେ ଅଞ୍ଚଳରେ ମାଳମାଳ ବ୍ୟବସାୟୀ ଗାଁଗାଁରେ ପହଞ୍ଚି ଫୁଲ କିଣୁଥିଲେ ମଧ ସେ ଦିଗରେ ପ୍ରଶାସନ ଅଙ୍କୁଶ ଲଗାଇବାରେ ବିଫଳ ହେଉଥିବା ଦେଖାଯାଉଛି । ପ୍ରତିବର୍ଷ ଫୁଲ କାରବାର ବଢ଼ି ଚାଲିଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବଡ଼ ବ୍ୟବସାୟୀମାନେ ମାଲାମାଲ ହେଉଥିବାବେଳେ ସଂଗ୍ରହକାରୀମାନେ ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ସରକାର ମଧ ରାଜସ୍ୱ ହରାଉଛନ୍ତି । ଫୁଲ ସଂଗ୍ରହର ପ୍ରଥମମାସରୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣକଲେ ସଂଗ୍ରହକାରୀ ଶୋଷଣରୁ ମୁକ୍ତି ପାଇପାରିବେ ବୋଲି କୁହାଯାଉଛି ।

ରେଳବାଇ ଉତ୍ତର ପୂର୍ବାଞ୍ଚଳର ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଚାଳକ ରୂପେ ଅନୁପ ଶତପଥୀଙ୍କୁ ପଦୋନ୍ନତି

ଗୁଣୁପୁର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

୧୯୯୩ ବ୍ୟାଚ ଆଇଆରଟିଏସ ଅଧିକାରୀ ଅନୁପ କୁମାର ଶତପଥୀଙ୍କୁ ଉତ୍ତର ପୂର୍ବାଞ୍ଚଳ ରେଳବାଇର ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଚାଳକ ରୂପେ ପଦୋନ୍ନତି ମିଳିଛି । ଏହି ସମ୍ପର୍କରେ ରେଳବାଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିପୂର୍ବରୁ ଶ୍ରୀ ଶତପଥୀ ହାଓ୍ୱାଡାରେ ପୂର୍ବାଞ୍ଚଳ ରେଳବାଇ ମୁଖ୍ୟ ପରିବହନ ଯୋଜନା ପରିଚାଳକ ରୂପେ କାର୍ଯ୍ୟ କରୁଥିଲେ ।

ସୂଚନାଯୋଗ୍ୟ ଗତ ବର୍ଷ ବିଶାଖାପାଟଣାରେ ସଫଳତାର ସହ ଡ଼ିଆରଏମ୍ ରୂପେ ଦାୟିତ୍ୱ ତୁଲାଇ ଅନେକ ଉଲେଖନୀୟ କାର୍ଯ୍ୟ କରିବାରୁ ଶ୍ରୀ ଶତପଥୀଙ୍କୁ ପୂର୍ବାଞ୍ଚଳ ରେଳବାଇ ମୁଖ୍ୟ ପରିବହନ ଯୋଜନା ପରିଚାଳକ ରୂପେ ପଦୋନ୍ନତି ମିଳିଥିଲା । ବର୍ତ୍ତମାନ ସେ ଗୋରଖପୁର ଉତ୍ତର ପୂର୍ବାଞ୍ଚଳର ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଚାଳକ ଭାବରେ ଅବସ୍ଥାପିତ ହୋଇଛନ୍ତି । ପୂର୍ବରୁ ଶ୍ରୀ ଶତପଥୀ କୋଲକାତା ଏବଂ ବିଲାସପୁର ଡିବିଜନର ମୁଖ୍ୟ ଅପରେସନ୍ ମ୍ୟାନେଜର, ନାଗପୁର ଏବଂ ରାୟପୁରର ଡିଭିଜନର ସୁରକ୍ଷା ଅଧିକାରୀ, ବିଲାସପୁର ଡିବିଜନର ମୁଖ୍ୟ ବାଣିଜ୍ୟ ପରିଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ । ଶ୍ରୀ ଶତପଥୀ ନିଜର କାର୍ଯ୍ୟ ଦକ୍ଷତା ପାଇଁ ବିଭିନ୍ନ ରେଳବାଇ ଡିବିଜନରେ ଉଚ୍ଚ ପ୍ରଶଂସା ସହ ପୁରସ୍କୃତ ହୋଇଛନ୍ତି ।

ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

ଖଣ୍ଡପଡ଼ା, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ସାଂପ୍ରତିକ ପରିସ୍ଥିତିରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ରୌଦ୍ରତାପର ପ୍ରଭାବ ଯୋଗୁଁ ଖଣ୍ଡପଡା ଅଞ୍ଚଳର ଜନସାଧାରଣ ହନ୍ତସନ୍ତ ହେଉଥିବା ବେଳେ ଠିକଣା ସମୟରେ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ବିଶେଷ ଭାବେ ପ୍ରଭାବିତ କରୁଛି । ଏବେ ବିଭିନ୍ନ ସମୟରେ ଘଣ୍ଟା ଘଣ୍ଟା ଧରି ଲାଇନ ରହୁ ନଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

ପୋଲିସ ହାତରେ ହାତକଡ଼ି ପକାଇଲା ପୋଲିସ

ବୌଦ୍ଧ, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ଖାକିରେ ଲାଗିଲା କଳଙ୍କ । ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବା ବଦଳରେ ନିଜେ ମାତିଥିଲେ ଗଞ୍ଜେଇ ଚୋରାଚାଲାଣରେ । ପୋଲିସ ହାତରେ ହାତକଡି ପକାଇଛି ପୋଲିସ । ରବିବାର ବେଆଇନ ଗଞ୍ଜେଇ କାରବାର ସମ୍ପୃକ୍ତିରେ ଜଣେ ଜିଲ୍ଲା ପୋଲିସ କର୍ମଚାରୀଙ୍କୁ ଗିରଫ କରିଛି ବୌଦ୍ଧ ପୋଲିସ । ପୂର୍ବରୁ ବେଆଇନ ଗଞ୍ଜେଇ କାରବାର ପଛରେ ବଡବଡିଆଙ୍କ ସହିତ କେତେକ ଅସାଧୁ ବନ କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କ ସିଧାସଳଖ ସମ୍ପୃକ୍ତି ଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା ।

ସୂଚନା ମୁତାବକ, ବୌଦ୍ଧ ଜିଲ୍ଲା ଦେବଗଡ଼ ପଙ୍କେଇ ରାସ୍ତା ଦେଇ ବେଆଇନ ଗଞ୍ଜେଇ ଚୋରାଚାଲାଣ ହେଉଥିଲା । ଏନେଇ କୌଣସି ସୂତ୍ରରୁ ଖବର ପାଇ ଜିଲ୍ଲା ଅବକାରୀ, ପୋଲିସ ଓ ଆରଟିଓ ବିଭାଗର ସ୍କ୍ୱାର୍ଡ ଚଢାଉ କରିଥିଲେ । ଚଢାଉ ସମୟରେ ଏକ ଇଣ୍ଡିଗୋ କାର ମଧ୍ୟରୁ ୫୮ କେଜି ଗଞ୍ଜେଇ ଜବତ ସହିତ ଡିଙ୍ଗର ମାଝୀ ନାମକ ଜଣେ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ତେବେ ଏଭଳି ଘଟଣା ବୌଦ୍ଧ ଜିଲ୍ଲାରେ ବାରମ୍ବାର ଘଟୁଥିବା ତଥା ଏଭଳି ବେଆଇନ କାର୍ଯ୍ୟରେ ଖାକିବର୍ଦ୍ଦିରେ ସମ୍ପୃକ୍ତି ଚିନ୍ତାରେ ବିଷୟ ହୋଇଛି ।

ଚିନ୍ତା ବଢ଼ାଉଛି ଦୂଷିତ ଜଳ ଯୋଗାଣ : ଜଣ୍ଡିସ ବ୍ୟାପିବା ଆଶଙ୍କା

ସମ୍ବଲପୁର, ୮।୪
ଏକ୍ସପ୍ରେସ୍ ନ୍ୟୁଜ୍

ସମ୍ବଲପୁରରେ ଏବେ ଚିନ୍ତା ବଢ଼ାଇଛି ଦୂଷିତ ଜଳଯୋଗାଣ । ଯାହା ୨୦୧୪ ମସିହାର ଜଣ୍ଡିସର ତାଣ୍ଡବଲୀଳା ବିଭିଷିକା ଆଜି ମଧ ସହରବାସୀଙ୍କ ମନରେ ତାଜା ରହିଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା ପୁଣି ଜଣ୍ଡିସକୁ ଆମନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି । ଜନତାଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ଗୁଡିକୁ ବିଶୁଦ୍ଧ ଜଳ ଯୋଗାଣ ନାମରେ ହରିଲୁଟ କରାଯାଇ ସଠିକ ବିନିଯୋଗ କରାଯାଉ ନ ଥିବାରୁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବ୍ୟାପକ ଜଳ ଅପଚୟ ସମେତ ଆବର୍ଜନା ଓ ଦୂଷିତ ଜଳ ପାଣି ପାଇପ ଗୁଡିକରେ ମିଶୁଥିବାର ଅନେକ ସ୍ଥାନରେ ଦେଖାଯାଉଛି । ଏଭଳି ଏକ ଘଟଣାରେ ରବିବାର ସକାଳୁ ଅଚାନକ ଅଇଁଠାପାଲି ଛକ ନିକଟସ୍ଥ ପିଏଚଡି ପଡ଼ିଆ ଠାରେ ପାଇପରୁ ଜଳ ଲିକେଜ ହୋଇ ସାରା ପଡ଼ିଆ ଜଳାର୍ଣ୍ଣବ ହୋଇ ଯାଇଥିଲା । ଏବେ ସମ୍ବଲପୁର ସମେତ ସାରା ରାଜ୍ୟରେ ଗ୍ରୀଷ୍ମତାପ ବୃଦ୍ଧି ଯୋଗୁଁ ଜଳର ଆବଶ୍ୟକତା ବୃଦ୍ଧି ପାଇବା ଏବଂ ସହରର ଅନେକ ସ୍ଥାନରେ ଜଳସଙ୍କଟ ଦେଖାଯାଉଥିବା ବେଳେ କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗର ସମ୍ବେଦନହୀନ ଅଧିକାରୀ ଓ କର୍ମଚାରୀମାନଙ୍କର ଦାୟିତ୍ୱହୀନତା ପାଇଁ ଲକ୍ଷାଧିକ ଲିଟର ପାନୀୟ ଜଳ ନଷ୍ଟ ହୋଇ ବୋହି ଯାଇଛି । ଏହି ଅଞ୍ଚଳରେ ଜଳ ଯୋଗାଣ ନିମନ୍ତେ ଥିବା ଭୂତଳ ଚାବି (ସକେଟ) ଗୁଡିକ ନିକଟରେ ଆବର୍ଜନା ଭରି ରହିଥିବାରୁ ଦୂଷିତ ଜଳ ଗୁଡିକ ପାଇପ ମଧ୍ୟକୁ ପ୍ରବେଶ କରୁଛି । ସହରର ଅନେକ ସ୍ଥାନରେ ଏଭଳି ଅବସ୍ଥା ରହିଥିବା ବେଳେ କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗ ଏ ପର୍ଯ୍ୟନ୍ତ ଚେତୁ ନାହିଁ ।

ଜନତାଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗତ ୨ ତାରିଖରେ ସମ୍ବଲପୁର ବିଚାର ମଞ୍ଚ ପକ୍ଷରୁ ଜନତାଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଦାବି କରାଯାଇଥିଲା । ସହରର ସିଂହଭାଗ ପାନୀୟ ଜଳ ପାଇପ ନାଳ ମଧ ଦେଇ ଯାଇଥିବାରୁ ଉକ୍ତ ଫଟା ଦଦରା ପାଇପ ଯୋଗେ ନାଳର ମଇଳା ପାଣି ପାନୀୟ ଜଳ ସହିତ ମିଶି ଲୋକଙ୍କ ନିକଟରୁ ଯାଉଛି । ଲୋକେ ଏହି ଦୂଷିତ ଜଳକୁ ବ୍ୟବହାର କରି ଜଣ୍ଡିସ ଓ ଅନ୍ୟାନ୍ୟ ଜଳ ଜନିତ ରୋଗର ଶିକାର ନିୟମିତ ହୋଇ ଆସୁଛନ୍ତି । ବାରମ୍ବାର ବିଶୁଦ୍ଧ ଜଳ ଯୋଗାଣ ଦାବୀ ଏବଂ ହୀରାକୁଦ ସମେତ ମୈତ୍ରି ନଗର, ମାତୃ ବିହାର, ଶକ୍ତି ନଗର, ଚେରୁଆପଡ଼ା, ମୁଦିପଡ଼ା ଆଦି ଅଞ୍ଚଳରେ ଅସ୍ୱାଭାବିକ ଭାବରେ ଲୋକେ ରୋଗାକ୍ରାନ୍ତ ହେଉଥିବା ବେଳେ ଏଭଳି ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଦୋଷୀ ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡ ଦିଆଯିବା ଉଚିତ ବୋଲି ବିଚାର ମଞ୍ଚର ଆବାହକ ବେଣୁଧର ଦାଶ ଓ ଅମୂଲ୍ୟ ମିଶ୍ର ଦାବି କରିଛନ୍ତି ।

ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ଅଧିକାରୀ ଗୁଲଶନ ସାହୁ କହିଛନ୍ତି ଯେ, ପାଣି ପ୍ରେସର ଯୋଗୁଁ ଅଇଁଠାପାଲି ପଡ଼ିଆ ନିକଟରେ ଥିବା ସକେଟଟି ଫାଟି ଯାଇ ପାଣି ଲିକେଜ ହୋଇଥିଲା । ପାଣି ଲିକେଜ ଜଣା ପଡ଼ିବା ପରେ ଆମର ସ୍ୱତନ୍ତ୍ର ଦଳ ଯାଇ ତାକୁ ମରାମତି କରିଛନ୍ତି ବୋଲି ଶ୍ରୀ ସାହୁ କହିଛନ୍ତି ।

ଅପରପକ୍ଷରେ ସହରରେ ୨୦୧୪ ମସିହାରେ ଜଣ୍ଡିସର କରାଳ ରୂପ ସମ୍ବଲପୁରବାସୀ ଦେଖିବା ପରେ ସରକାର ସହରରେ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ଭୂତଳ ପାଣି ପାଇପ ଗୁଡିକୁ ବଦଳାଇ ନୂତନ ପାଇପ ବିଛାଇବା ପାଇଁ ଶହ ଶହ କୋଟି ଟଙ୍କା ପ୍ରଦାନ କରିଥିଲେ । କିନ୍ତୁ ଏହି କାମରେ ବ୍ୟାପକ ଦୁର୍ନୀତି ହୋଇଥିବାର ଅଭିଯୋଗ ହୋଇ ଆସୁଥିବା ବେଳେ ପ୍ରତି ବର୍ଷ ଜଣ୍ଡିସ ରୋଗୀ ସହରରେ ଦେଖାଯାଉଥିବା ଘଟଣା ଏହାର ସତ୍ୟତାକୁ ପୃଷ୍ଟି କରୁଛି ବୋଲି ସହରବାସୀ କହୁଛନ୍ତି । ଏଣୁ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିଛା ଯାଇଥିବା ପାଣି ପାଇପର ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସହରବାସୀ ଦାବୀ କରୁଛନ୍ତି । ଏହା ସହିତ ସହର ମଧ୍ୟରେ ରହିଥିବା ସମସ୍ତ ଫଟା ପାଇପଗୁଡିକୁ ତୁରନ୍ତ ମରାମତି କରାଯାଇ ଲୋକଙ୍କୁ ଜଣ୍ଡିସ ଭୟରୁ ମୁକ୍ତ କରିବା ସହିତ ଜଳ ଅପଚୟକୁ ରୋକାଯାଉ ବୋଲି ସାଧାରଣରେ ଦାବୀ ହେଉଛି ।